# ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମ (ଜରୁରୀ ବିଭାଗ)

## ଅସ୍ଥାୟୀ ମୋଟର ଲଞ୍ଚ ଡ୍ରାଇଭର ଓ ଖଲାସୀ ପଦ ନିମନ୍ତେ ବିଜ୍ଞାପନ

ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁରଙ୍କ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ର (DEOC) ଦ୍ୱାରା ଆଗାମୀ ଦିନମାନଙ୍କରେ ବନ୍ୟା ପରିସ୍ଥିତିର ରିଲିଫ କାର୍ଯ୍ୟ ଉଦ୍ଦେଶ୍ୟରେ ୫ (ପାଞ୍ଚ) ଜଣ ମୋଟର ଲଞ୍ଚ ଡ୍ରାଇଭର ଓ ୫ (ପାଞ୍ଚ) ଜଣ ବୋଟ ଖଲାସୀ ଅସ୍ଥାୟୀ ରୂପେ ନିୟୋଜିତ କରାଯିବା ପାଇଁ ଏହି ବିଜ୍ଞାପନ ଜାରୀ କରାଗଲା । ଏହା ନିଯୁକ୍ତି ଦିନ ଠାରୁ ଆସନ୍ତା ନଭେମ୍ବର ମାସ ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେବ ।

ଏହି ନିୟୋଜନ ସମ୍ପୂର୍ଣ୍ଣ ଅସ୍ଥାୟୀ ଅଟେ ଓ ଏହା ନିୟୋଜିତ ତାରିଖ ଠାରୁ ୩୦.୧୧.୨୦୨୦ ପର୍ଯ୍ୟନ୍ତ ବୈଧ ରହିବ । ମୋଟର ଲଞ୍ଚ୍ ଡ୍ରାଇଭର ଏବଂ ଖଲାସୀ ଙ୍କୁ ଯଥାକ୍ରମେ ଟ.୮୮୮୦/-ଙ୍କା ଓ ଟ.୮୦୭୦/-ଙ୍କା ହିସାବରେ ମାସିକ ପାରିଶ୍ରମିକ ଦିଆଯିବ । ଏହା ବ୍ୟତୀତ ସେମାନଙ୍କୁ ଅନ୍ୟ କୌଣସି ଭତ୍ତା ଦିଆଯିବ ନାହିଁ ।

ଲଞ୍ଚ୍ ଡ୍ରାଇଭର ନିମେନ୍ତ ଆବେଦନ କରୁଥିବା ବ୍ୟକ୍ତିଙ୍କ ଦ୍ୱିତୀୟ ଶ୍ରେଣୀ ଲଞ୍ଚ୍ ଡ୍ରାଇଭିଂ ଲାଇସେନ୍‌ସ ଥିବା ଆବଶ୍ୟକ ଏବଂ ସେମାନଙ୍କୁ ମୋଟର ଲଞ୍ଚ୍ ଚାଳନା ଦକ୍ଷତା ପରୀକ୍ଷା ଅନୁସାରେ ମନୋନିତ କରାଯିବ । ଉଭୟ ଲଞ୍ଚ୍ ଡ୍ରାଇଭର ଓ ବୋଟ ଖଲାସି ପ୍ରାର୍ଥୀ ଯେକୌଣସି ଜଳରାଶିରେ ୨୦ ମିନିଟ ରେ ୨୦୦ ମିଟର ପହଁରି ପାରୁଥିବା ଆବଶ୍ୟକ । ଯଦି କୌଣସି ଦୁଃସ୍ଥିତିରେ ନିଜର ଜୀବନ ହାନି / ଶାରୀରିକ କ୍ଷତି ଘଟେ ସେଥିପାଇଁ ସେ ବ୍ୟକ୍ତିଗତ ଭାବେ ଦାୟୀ ରହିବେ । ଉଭୟ ଲଞ୍ଚ୍ ଡ୍ରାଇଭର ଓ ଖଲାସୀଙ୍କର ଦକ୍ଷତା ପରୀକ୍ଷା ରାଜ୍ୟ ବନ୍ଦର ଯନ୍ତ୍ରୀ / ଅଗ୍ନିଶମ ବାହିନୀର ଅଧିକାରୀଙ୍କ ଦ୍ୱାରା କରାଯିବ । ଲଞ୍ଚ୍ ଖଲାସୀଙ୍କର ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ସପ୍ତମ ଶ୍ରେଣୀ ପାସ୍ ହୋଇଥିବା ଦରକାର । ଯେଉଁ ପ୍ରାର୍ଥୀ ମାନଙ୍କର ପୂର୍ବରୁ SPEO (State Port Engineer Organisation) ର ଅଭିଜ୍ଞତା ଥିବ ସେମାନଙ୍କୁ ନିଯୁକ୍ତି କ୍ଷେତ୍ରରେ ଅଗ୍ରାଧିକାର ଦିଆଯିବ । ମନୋନିତ ଡ୍ରାଇଭର ଓ ଲଞ୍ଚ୍ ଖଲାସୀ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ସ୍ୱାସ୍ଥ୍ୟ ଯାଞ୍ଚ ପ୍ରମାଣପତ୍ର ସରକାରୀ ଡ଼ାକ୍ତରଖାନାର କର୍ତ୍ତୃପକ୍ଷଙ୍କ ନିକଟରୁ ଆଣି ପ୍ରଦାନ କରିବେ ।

***ଏହି ନିଯୁକ୍ତି ପାଇବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଏଥିସହ ସଂଲଗ୍ନ ଥିବା ବିବରଣୀ ଅନୁସାରେ ଆବେଦନ ପତ୍ର ସହ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଜିଲ୍ଲା ଜରୁରୀକାଳୀନ ବିଭାଗ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଗଞ୍ଜାମରେ ପୋଷ୍ଟ ଦ୍ୱାରା କିମ୍ବା ନିଜେ ଆସି ଉର୍ଦ୍ଦିଷ୍ଟ ବାକ୍ସରେ ଦିବା ୧୦.୦୦ ଘଟିକା ଠାରୁ ୫.୦୦ ଘଟିକା ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସ ଗୁଡ଼ିକରେ ଆବେଦନ କରିପାରିବେ । ଏହି ଆବେଦନର ଶେଷ ତାରିଖ ୦୬.୦୬.୨୦୨୦ ଅଟେ । ଏହା ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ ।*** **ଏହାର ସବିଶେଷ ବିବରଣୀ ମଧ ଗଞ୍ଜାମ ଜିଲ୍ଲା ୱେବ୍‌ସାଇଟ୍ www.ganjam.nic.in ରେ ଉପଲବ୍ଧ ହେବ ।**

ପ୍ରକାଶ ଥାଉ କି, ଆସନ୍ତା ତା. ୦୮.୦୬.୨୦୨୦ ରିଖ ଦିବା ୧୧.୦୦ ଘଟିକା ସମୟରେ ପାଇଥିବା ଆବେଦନ ପତ୍ର ଗୁଡ଼ିକ ଜିଲ୍ଲାପାଳଙ୍କ ଦ୍ୱାରା ମନୋନିତ କରାଯାଇଥିବା ଅଧିକାରୀଙ୍କ ଦ୍ୱାରା ଯାଞ୍ଚ କରାଯାଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ।

ଜିଲ୍ଲାପାଳ, ଗଞ୍ଜାମ

ପରିପତ୍ର ନଂ ୩୨୯୮/ଜରୁରୀକାଳୀନ ତା. ୩୧.୦୫.୨୦୨୦

ଏହାର ଏକକିତା ନକଲ ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ର, ଗଞ୍ଜାମ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଛତ୍ରପୁର ଙ୍କ ଗୋଚରାର୍ଥେ ପ୍ରେରଣ କରିବା ସହ ଜିଲ୍ଲା ୱେବ୍‌ସାଇଟ୍ www.ganjam.nic.in ରେ ପ୍ରସାରିତ କରିବା ହେବେ ।

ଏହାର ଏକକିତା ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ଜାରୀ କରିବା ହେବେ / ଉପ-ଜିଲ୍ଲାପାଳ, ଛତ୍ରପୁର / ବ୍ରହ୍ମପୁର ଓ ଭଞ୍ଜନଗର / ଗଞ୍ଜାମ ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ /ସରକାରୀ ମତ୍ସ୍ୟ ଅଧିକାରୀ, ଛତ୍ରପୁର, ଗଞ୍ଜାମ / ଗଞ୍ଜାମ ଜିଲ୍ଲାର ସମସ୍ତ ତହସିଲଦାରଙ୍କ ଗୋଚରାର୍ଥେ ଓ ସର୍ବସାଧାରଣଙ୍କ ଅବଗତି ନିମେନ୍ତ କାର୍ଯ୍ୟାଳୟର ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ଜିଲ୍ଲାପାଳ, ଗଞ୍ଜାମ

# ଅସ୍ଥାୟୀ ମୋଟର ଲଞ୍ଚ୍ ଡ୍ରାଇଭର / ମୋଟର ଲଞ୍ଚ ଖଲାସୀ ନିୟୋଜନ ନିମନ୍ତେ ଦରଖାସ୍ତ

ପ୍ରାର୍ଥୀ ନିଜର
ପାସ୍‌ପୋଟ ଫୋଟ
ଏଠାରେ ଲଗାନ୍ତୁ

(୧) ପ୍ରାର୍ଥୀଙ୍କ ନାମ :

(୨) ଜନ୍ମ ତାରିଖ ଓ ବୟସ :
( ଜନ୍ମ ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୩) ପିତାଙ୍କ ନାମ :

(୪) ସ୍ଥାୟୀ ଠିକଣା :

(୫) ଶିକ୍ଷାଗତ ଯୋଗ୍ୟତା :
(ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୬) ମୋଟର ଲଞ୍ଚ୍ ଚାଳନା ଯୋଗ୍ୟତା :
(ଡ୍ରାଇଭିଙ୍ଗ ଲାଇସେନ୍‌ସ ର ନକଲ ଦେବା ଆବଶ୍ୟକ)

(୭) ମୋଟର ଲଞ୍ଚ୍ ଚାଳନା ଅଭିଜ୍ଞତା :
(ପ୍ରମାଣପତ୍ର ର ନକଲ ସଂଲଗ୍ନ କରିବା ଆବଶ୍ୟକ)

(୮) ଅନ୍ୟ କିଛି :

ସ୍ଥାନ :

ତାରିଖ : ପ୍ରାର୍ଥୀଙ୍କ ସାକ୍ଷର

## ଘୋଷଣାନାମା

ଏତଦ୍ୱାରା ମୁଁ ଶ୍ରୀ ......................................................., ପି. ................................,

ଗ୍ରାମ............................................, ପୋ. ..................................., ଥାନା, ..............................., ଜିଲ୍ଲା :

ଗଞ୍ଜାମ, ସୁସ୍ଥ ମନମସ୍ତିଷ୍କରେ ବିନା କୌଣସି ପ୍ରରୋଚନାରେ ଘୋଷଣା କରୁଅଛି କି,

(୧) ମୁଁ ଭଲ ଭାବରେ ନଦୀ /କେନାଲ ବା ଅନ୍ୟ କୌଣସି ବନ୍ଧ, ପୋଖରୀ, ନାଳ ପାଣିରେ ପହଁରା ଜାଣେ ।

(୨) ସରକାରଙ୍କ ଦ୍ୱାରା ଧାର୍ଯ୍ୟ ପରୀକ୍ଷା ନିମନ୍ତେ ୨୦ ମିନିଟ୍ ସମୟ ସୀମା ମଧ୍ୟରେ ୨୦୦ ମିଟର ଦୂରତାକୁ ପହଁରି ଅନାୟସରେ ଅତିକ୍ରମ କରିପାରିବି ।

(୩) ପହଁରିବା ସମୟରେ, ଯଦି କୌଣସି ଅଘଟଣ ଘଟେ, ତେବେ ସେଥି ନିମନ୍ତେ ମୁଁ ନିଜେ ବ୍ୟକ୍ତିଗତ ଭାବେ ଦାୟୀ ରହିବି ଓ ସେଥି ନିମନ୍ତେ ସରକାରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ତାରିଖ : ପ୍ରାର୍ଥୀଙ୍କ ସାକ୍ଷର